# Official Visit of the External Affairs Minister to Brazil, Paraguay and Argentina (August 22-27, 2022)

August 19, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ବ୍ରାଜିଲ, ପାରାଗୁଏ ଏବଂ ଆର୍ଜେଣ୍ଟିନା ଗସ୍ତ (22-27 ଅଗଷ୍ଟ 2022)

### ଅଗଷ୍ଟ 19, 2022

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 22-27 ଅଗଷ୍ଟ 2022 ବ୍ରାଜିଲ, ପାରାଗୁଏ ଏବଂ ଆର୍ଜେଣ୍ଟିନା ଗସ୍ତ କରିବେ। ଦକ୍ଷିଣ ଆମେରିକୀୟ ଅଞ୍ଚଳକୁ ଏହା ତାଙ୍କର ପ୍ରଥମ ଗସ୍ତ ହେବ। ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ନିଜ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ବ୍ୟତୀତ ଏହି ତିନୋଟି ଦେଶର ଶୀର୍ଷ ନେତୃତ୍ୱଙ୍କୁ ସାକ୍ଷାତ କରିବେ।

ପାରାଗୁଏରେ ନୂତନ ଭାବେ ଖୋଲାଯାଇଥିବା ଭାରତୀୟ ଦୂତାବାସର ପରିସରକୁ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଦ୍ଘାଟନ କରିବେ। ଜାନୁଆରୀ 2022 ରେ ଏହି ଦୂତାବାସ କାର୍ଯ୍ୟ ଆରମ୍ଭ କରିଛି। ପାରାଗୁଏକୁ ପ୍ରଥମ ଥର ପାଇଁ ଜଣେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଗସ୍ତ କରିବେ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ବ୍ରାଜିଲ ଏବଂ ଆର୍ଜେଣ୍ଟିନାରେ ନିଜ ପ୍ରତିପକ୍ଷଙ୍କ ସହ ମିଳିତ ଆୟୋଗ ବୈଠକ (ଜେସିଏମ) ରେ ସହ-ଅଧ୍ୟକ୍ଷତା କରିବେ। ଜେସିଏମରେ ମନ୍ତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିବେ ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଆର୍ଜେଣ୍ଟିନା ଏବଂ ବ୍ରାଜିଲ ଭାରତର ରଣନୀତିକ ସହଭାଗୀ। ଏତଦ୍ ବ୍ୟତୀତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ଦେଶଗୁଡିକର ବ୍ୟବସାୟିକ ନେତୃବର୍ଗ ଓ ଭାରତୀୟ ସମୁଦାୟ ସହିତ ମଧ୍ୟ ବାର୍ତ୍ତାଳାପ କରିବେ। ବ୍ରାଜିଲରେ ସେ ରିଓ ବ୍ରାନକୋ ପ୍ରତିଷ୍ଠାନ (ବ୍ରାଜିଲ କୂଟନୈତିକ ଏକାଡେମୀ) ରେ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ତିନୋଟି ଦେଶକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗସ୍ତ ଲାଟିନ ଆମେରିକା ଓ କାରିବିଆନ ଅଞ୍ଚଳରେ ଭାରତର ସହଭାଗୀମାନଙ୍କ ସହିତ ଚାଲିଥିବା ଉଚ୍ଚସ୍ତରୀୟ ଆଦାନ ପ୍ରଦାନ ଜାରି ରଖିବା, ମହାମାରୀ ପରବର୍ତ୍ତୀ କାଳରେ ସହଯୋଗର ନୂତନ କ୍ଷେତ୍ର ଅନୁସନ୍ଧାନ କରିବା ଏବଂ ଦ୍ୱିପାକ୍ଷିକ ତଥା ଆନ୍ତର୍ଜାତିକ ମହତ୍ୱ ଥିବା ପ୍ରସଙ୍ଗଗୁଡିକ ଉପରେ ମତ ବିନିମୟ ପାଇଁ ଏକ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ଅଗଷ୍ଟ 19, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.